# NATIONAL NEWS BULLETIN (ODIA)

## 14 October - 2024

## Evening Bulletin : 7.15 p.m.

****************************************

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ସମେତ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଆଲ୍‌ଜେରିଆ ରାଷ୍ଟ୍ରପତିଙ୍କ ସହ ଆଲୋଚନା କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ରାଷ୍ଟ୍ରୀୟ ଜଳପୁରସ୍କାର ୨୦୨୩ ଘୋଷିତ, ରାଜ୍ୟ ବର୍ଗରେ ଓଡ଼ିଶା ପ୍ରଥମ ।

- ରାଷ୍ଟ୍ରୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ହେଉଛି, ବିଶ୍ୱ ସ୍ତରରେ ଦାୟିତ୍ୱବାନ ଏବଂ ଦୂରଦୃଷ୍ଟି ସମ୍ପନ୍ନ ନାଗରିକ ପ୍ରସ୍ତୁତ କରିବା, କହିଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।
- ଅର୍ଥଶାସ୍ତ୍ର କ୍ଷେତ୍ରରେ ତିନି ଜଣଙ୍କୁ ମିଳିବ ନୋବେଲ୍ ପୁରସ୍କାର ।

ଏବଂ

- ପଶ୍ଚିମବଙ୍ଗରେ ସରକାର ଓ ବିକ୍ଷୋଭକାରୀ ଡାକ୍ତରଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକ ବିଫଳ ।

# ରାଷ୍ଟ୍ରପତି-ଯାତ୍ରା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଲ୍‌ଜେରିଆ ଗସ୍ତର ଦ୍ୱିତୀୟ ଦିନରେ ଆଜି ସହିଦ୍ ସ୍ମାରକୀ ମକାମ ଇଚାହିଦ୍ ପରିଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ମୌଦଜାହିଦ ଠାରେ ଥିବା ରାଷ୍ଟ୍ରୀୟ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି । ସେହି ସଂଗ୍ରହାଳୟରେ ଆଲ୍‌ଜେରିଆର ଉପନିବେଶବାଦ ବିରୋଧରେ ସଂଘର୍ଷର ସ୍ମୃତି ସଂଗୃହିତ ହୋଇ ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅଲ୍‌ମୋରାଡିଆ ପ୍ରାସାଦରେ ଭବ୍ୟ ସ୍ୱାଗତ କରାଯାଇଥିଲା । ରାଷ୍ଟ୍ରପତି ମୁର୍ମୁ ଆଲ୍‌ଜେରିଆ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବା ପରେ ପ୍ରତିନିଧି ମଣ୍ଡଳ ସ୍ତରୀୟ ଆଲୋଚନା ଜାରି ରହିଛି । ଏହାପରେ ଶ୍ରୀମତୀ ମୁର୍ମୁ ଆଲ୍‌ଜେରିଆ ଭାରତ ଆର୍ଥିକ ମଞ୍ଚକୁ ସମ୍ବୋଧିନ କରିବେ ।

ଗତକାଲି ଆଲ୍‌ଜେରିଆରେ ପହଞ୍ଚିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେଠାରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ଆଲ୍‌ଜେରିଆର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ପ୍ରବାସୀ ଭାରତୀୟମାନେ ଦେଶର ପ୍ରକୃତ ରାଜଦୂତ । ରାଷ୍ଟ୍ରପତି କହିଥିଲେ, ସେଠାରେ ରହୁଥିବା ପ୍ରତ୍ୟେକ ଭାରତୀୟ ଦେଶର ସଂସ୍କୃତି ଓ ମୂଲ୍ୟବୋଧର ପ୍ରଚାର-ପ୍ରସାର କରୁଛନ୍ତି ।

# ରାଷ୍ଟ୍ରୀୟ ଜଳ ପୁରସ୍କାର

ନୂଆଦିଲ୍ଲୀରେ ଆଜି ରାଷ୍ଟ୍ରୀୟ ଜଳ ପୁରସ୍କାର ୨୦୨୩ ଘୋଷଣା କରାଯାଇଛି । ରାଜ୍ୟ ବର୍ଗରେ ଓଡ଼ିଶା ପ୍ରଥମ ପୁରସ୍କାର ଜିତିଥିବା ବେଳେ ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି । ଗୁଜରାଟ ଏବଂ ପୁଡୁଚେରୀ ଯୁଗ୍ମ ଭାବରେ ତୃତୀୟ ସ୍ଥାନ ହାସଲ କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚଳିତ ମାସ ୨୨ ତାରିଖରେ ନୂଆଦିଲ୍ଲୀର ଏକ ସ୍ୱତନ୍ତ୍ର ଉତ୍ସବରେ ପଞ୍ଚମ ରାଷ୍ଟ୍ରୀୟ ଜଳ ପୁରସ୍କାର ପ୍ରଦାନ କରିବେ । ୯ଟି ବର୍ଗରେ ଯୁଗ୍ମ ବିଜେତାଙ୍କ ସହ ମୋଟ୍ ୩୮ଟି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯିବ । ପ୍ରତ୍ୟେକ ବିଜେତାଙ୍କୁ ଏକ ପ୍ରଶଂସାପତ୍ର, ଟ୍ରଫି ଓ କେତେକ ବର୍ଗରେ ନଗଦ ଅର୍ଥ ରାଶି ପ୍ରଦାନ କରାଯିବ । ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଜଳ ପରିଚାଳନାର ମହତ୍ୱ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରୁଥିବା ବିଜେତାମାନଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଜଳଶକ୍ତି ମନ୍ତ୍ରଣାଳୟ ରାଷ୍ଟ୍ରୀୟ ସ୍ତରରେ ଜଳ ପରିଚାଳନା ସମ୍ବନ୍ଧିତ ସଚେତନତା ସୃଷ୍ଟି ଲାଗି ବିସ୍ତୃତ ଅଭିଯାନ ଆରମ୍ଭ କରିଛନ୍ତି ।

## ସୁପ୍ରିମ୍‌କୋର୍ଟ୍-କୋଭିଡ୍-୧୯

କୋଭିଡ୍ ନାଇଣ୍ଟିନ୍ ଟିକା ଯୋଗୁଁ ରକ୍ତରେ ଜମାଟ ବାନ୍ଧୁଥିବା ଭଳି ଅଭିଯୋଗ କରି ଦାଏର ହୋଇଥିବା ଆବେଦନକୁ ଆଜି ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଛନ୍ତି । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼୍, ଜଷ୍ଟିସ୍ ଜେ.ବି. ପାର୍‌ଦିୱାଲା ଓ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରି ଏହା କେବଳ ପ୍ରଚାର ସର୍ବସ୍ୱ ବୋଲି କହିଛନ୍ତି ।

ଅନ୍ୟ ଏକ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଦୂରଦର୍ଶନରେ ସିନ୍ଧି ଭାଷାରେ ୨୪ ଘଣ୍ଟିଆ କାର୍ଯ୍ୟକ୍ରମ ପ୍ରସାରଣ ପାଇଁ ନିର୍ଦ୍ଦେଶ ଦେବା ସମ୍ପର୍କିତ ଆବେଦନକୁ ମଧ୍ୟ ଖାରଜ କରିଛନ୍ତି । ଏହା ପୂର୍ବରୁ ଦିଲ୍ଲୀ ଉଚ୍ଚନ୍ୟାୟାଳୟ ମଧ୍ୟ ଏହି ମାମଲାକୁ ଖାରଜ କରିଦେଇଥିଲା । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, କୌଣସି ଭାଷାର ସଂରକ୍ଷଣ ନିମନ୍ତେ ଅନେକ ଗୁଡ଼ିଏ ଉପାୟ ଅଛି ।

## ଧର୍ମେନ୍ଦ୍ର-ଭାରତ-ଆମେରିକା ଶିଖର ସମ୍ମିଳନୀ

ରାଷ୍ଟ୍ରୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ ହେଉଛି, ବିଶ୍ୱ ସ୍ତରରେ ଦାୟୀତ୍ୱବାନ ଏବଂ ଦୂରଦୃଷ୍ଟି ସମ୍ପନ୍ନ ନାଗରିକ ପ୍ରସ୍ତୁତ କରିବା । ଆଜି ନୂଆଦିଲ୍ଲୀରେ

ଆମେରିକା-ଭାରତ ରଣନୈତିକ ଭାଗିଦାରୀ ମଞ୍ଚ ଦ୍ୱାରା ଆୟୋଜିତ ଇଣ୍ଡିଆ ଲିଡର୍‌ସିପ୍ ସମିଟ୍ ୨୦୨୪ରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି, ସରକାର ବିଦେଶର ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଭାରତରେ କ୍ୟାମ୍ପସ୍ ପ୍ରତିଷ୍ଠା ଲାଗି ଆମନ୍ତ୍ରଣ କରୁଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ସେ କହିଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ ସହ କୌଶଳ ପ୍ରଦାନ କ୍ଷେତ୍ର ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ବିଶ୍ୱ ମାନକ ଦିବସ

କେନ୍ଦ୍ର ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ଗତ ୧୦ ବର୍ଷରେ ଭାରତୀୟ ମାନବ ବ୍ୟୁରୋ – ବି.ଆଇ.ଏସ୍. ୭୩୨ଟି ଦ୍ରବ୍ୟ ନିମନ୍ତେ ୧୫୦ରୁ ଅଧିକ ଗୁଣବତ୍ତା ନିୟନ୍ତ୍ରଣ ଆଦେଶ ଜାରି କରିଛି । ଆଜି ନୂଆଦିଲ୍ଲୀରେ ବିଶ୍ୱ ମାନକ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଯୋଶୀ କହିଛନ୍ତି, ରାଷ୍ଟ୍ରୀୟ ମାନକ କାର୍ଯ୍ୟକାରୀତା କ୍ଷେତ୍ରକୁ  ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ସେ କହିଛନ୍ତି, ଭାରତୀୟ ଦ୍ରବ୍ୟ ଗୁଡ଼ିକୁ ସର୍ବୋଚ୍ଚ ଗୁଣବତ୍ତା ବିଶିଷ୍ଟ କରିବା ଏବଂ ଏହାକୁ ଆନ୍ତର୍ଜାତିକ ମାନର କରିବା ଲାଗି ବି.ଆଇ.ଏସ୍. ବିଭିନ୍ନ

ପଦକ୍ଷେପ ଗ୍ରହଣ କରୁଛି । ସେ କହିଛନ୍ତି, ଦେଶର ସମସ୍ତ ନାଗରିକ ସୁରକ୍ଷିତ, ବିଶ୍ୱସନୀୟ ଏବଂ ଗୁଣବତ୍ତା ସମ୍ପନ୍ନ ଦ୍ରବ୍ୟ ଏବଂ ସେବା ଯେଭଳି ପାଇପାରିବେ ତାହା ସରକାର ସୁନିଶ୍ଚିତ କରୁଛନ୍ତି । ଉପଭୋକ୍ତା ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବି.ଏଲ୍. ବର୍ମା କହିଛନ୍ତି, ସମାବେଶୀ ବିକାଶ ନିମନ୍ତେ ମାନକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏ କ୍ଷେତ୍ରରେ ସରକାର, ବ୍ୟବସାୟୀ ଓ ସାଧାରଣ ନାଗରିକଙ୍କ ମଧ୍ୟରେ ସହଯୋଗର ବାତାବରଣ ସୃଷ୍ଟି ହେବା ଆବଶ୍ୟକ ।

## ନୋବେଲ ପୁରସ୍କାର-ଅର୍ଥନୀତି

ନରୱେର ନୋବେଲ୍ କମିଟି ଆଜି ଅର୍ଥଶାସ୍ତ୍ର ନିମନ୍ତେ ନୋବେଲ୍ ପୁରସ୍କାର ଘୋଷଣା କରିଛି । ଚଳିତ ବର୍ଷ ଏଥିପାଇଁ ଆମେରିକାର ୩ ଜଣ ଅର୍ଥଶାସ୍ତ୍ରୀଙ୍କୁ ଚୟନ କରାଯାଇଛି । ସେମାନେ ହେଉଛନ୍ତି, ଡେରାନ୍ ଏସ୍‌ମୋଗ୍‌ଲୁ, ସାଇମନ୍ ଜନ୍‌ସନ୍ ଏବଂ ଜେମ୍ସ ରବିନ୍‌ସନ୍ । ସେମାନଙ୍କର ଗବେଷଣା କାର୍ଯ୍ୟ ଲାଗି ନୋବେଲ୍ ପୁରସ୍କାର ଦିଆଯିବ । ସେହି ଗବେଷଣାରେ ସଂସ୍ଥା ଗୁଡ଼ିକ କିପରି ବିକାଶକୁ ଆକାର ଦେଇପାରିବ ତାହା କୁହାଯାଇଛି । ଆର୍ଥିକ ବିକାଶ ବୃଦ୍ଧି, ଅସମାନତା ହ୍ରାସ କରିବା ଏବଂ ଆଇନ୍‌ର ଶାସନକୁ ଆହୁରି ଉନ୍ନତ କରିବା କ୍ଷେତ୍ରରେ ସେମାନଙ୍କର ଯୋଗଦାନକୁ ପ୍ରଶଂସା କରାଯାଇଛି । ଏସ୍‌ମୋଗ୍‌ଲୁ ଏବଂ ଜନ୍‌ସନ୍

ମାସାଚୁସେଟ୍ସ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ କାର୍ଯ୍ୟ କରୁଥିବା ବେଳେ ରବିନ୍ସନ୍ ଚିକାଗୋ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି । ଅର୍ଥଶାସ୍ତ୍ରରେ ନୋବେଲ ପୁରସ୍କାର ବିଜେତାଙ୍କୁ ୧୧ଲକ୍ଷ ଆମେରିକୀୟ ଡଲାର୍ ପ୍ରଦାନ କରାଯିବ । ୧୯୬୯ ମସିହା ଠାରୁ ଏପର୍ଯ୍ୟନ୍ତ ୯୬ ଜଣଙ୍କୁ ଏହି ସମ୍ମାନ ମିଳିସାରିଛି । ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି । ୨୦୨୩ରେ କ୍ଲାଉଡିଆ ଗୋଲ୍ଡୱିନ୍, ୨୦୦୯ରେ ଆମେରିକାର ଏଲ୍‌ନିର୍ ଆଷ୍ଟ୍ରୋମ ଏବଂ ୨୦୧୯ରେ ଫ୍ରାନ୍ସ-ଆମେରିକୀୟ ଏସ୍ତର ଡୁଫ୍ଲୋ ଙ୍କୁ ଅର୍ଥଶାସ୍ତ୍ରରେ ନୋବେଲ ପୁରସ୍କାର ମିଳିଥିଲା ।

## ପଶ୍ଚିମବଙ୍ଗ-ଡାକ୍ତର ବୈଠକ

ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥ ଏବଂ ବିକ୍ଷୋଭକାରୀ ଡାକ୍ତରୀ ଦଳର ପ୍ରତିନିଧିଙ୍କ ମଧରେ ଆଜି ଅନୁଷ୍ଠିତ ବୈଠକ ବିଫଳ ହୋଇଛି । ଏହି ବୈଠକରେ ପଶ୍ଚିମବଙ୍ଗ ଡାକ୍ତରୀ ସଂଘର ଅଧକ୍ଷ ଡାକ୍ତର କୌଶିକ୍ ଚାକି ଏବଂ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟସେବା ସଂଘର ସଚିବ ଡାକ୍ତର ଉତ୍ପଳ ବାନାର୍ଜୀ ଉପସ୍ଥିତ ଥିଲେ । ବୈଠକ ପରେ ଡାକ୍ତର ଚାକି କହିଛନ୍ତି, ରାଜ୍ୟ ସରକାର କନିଷ୍ଠ ଡାକ୍ତରମାନଙ୍କ ଆମରଣ ଅନଶନକୁ ଅତ୍ୟନ୍ତ ହାଲୁକା ଭାବରେ ନେଉଛନ୍ତି ଏବଂ ଆମରଣ ଅନସନ ଶେଷ କରିବା ଲାଗି କହିଛନ୍ତି ।

## ଦିଲ୍ଲୀ-ଆତିଶି ପ୍ରଧାନମନ୍ତ୍ରୀ ଶାକ୍ଷାତ

ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଆତିଶି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି । ପରେ ଆତିଶି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦିଲ୍ଲୀବାସୀଙ୍କ ଉନ୍ନତି ନିମନ୍ତେ କେନ୍ଦ୍ର ଓ ଦିଲ୍ଲୀ ସରକାର ସହଯୋଗ ରକ୍ଷା କରି କାର୍ଯ୍ୟ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

## ଭୂପେନ୍ଦ୍ର-ଚିତା

ମଧ୍ୟପ୍ରଦେଶର କୁନୋ ରାଷ୍ଟ୍ରୀୟ ଉଦ୍ୟାନରେ ପିଞ୍ଜରା ମଧ୍ୟରେ ରଖାଯାଇଥିବା ଆଫ୍ରିକୀୟ ଚିତାବାଘ ଗୁଡ଼ିକୁ ଖୁବ୍ ଶୀଘ୍ର ଜଙ୍ଗଲ ମଧ୍ୟକୁ ଛଡ଼ାଯିବ । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଚିତା ବାଘ ଓ ସାବକମାନଙ୍କୁ ଜଙ୍ଗଲ ମଧ୍ୟକୁ ଛାଡ଼ିବା ପାଇଁ କେନ୍ଦ୍ର ଚିତା ପ୍ରକଳ୍ପ ସଞ୍ଚାଳନ ସମିତି ଅନୁମତି ପ୍ରଦାନ କରିଛି । କୁନୋ ରାଷ୍ଟ୍ରୀୟ ଉଦ୍ୟାନରେ ୧୨ଟି ସାବକ ସହ ୨୪ଟି ଚିତାବାଘ ଅଛନ୍ତି । ଅନ୍ୟ ଦେଶରୁ ଚିତାବାଘ ଆଣିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ଦେଶ ସହ ଆଲୋଚନା କରୁଥିବା ମନ୍ତ୍ରଣାଳୟ କହିଛି ।

ଆଜି ନୂଆଦିଲ୍ଲୀରେ ସମ୍ବାଦଦାତାମାନଙ୍କ ସହ ଆଲୋଚନା ସମୟରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି, ମା' ପାଇଁ ଗଛଟିଏ ଅଭିଯାନରେ ଏ ପର୍ଯ୍ୟନ୍ତ ଦେଶରେ ୯୩ କୋଟିରୁ ଅଧିକ ଚାରା ରୋପଣ କରାଯାଇଛି । ଶ୍ରୀ ଯାଦବ ଏହି ଅଭିଯାନରେ ସାମିଲ ହୋଇଥିବା ଅଧିକାରୀ, ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ଲୋକଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ନଷ୍ଟ ଏବଂ ଉର୍ବର ଜମିର ଗୁଣବତ୍ତାରେ ପରିବର୍ତ୍ତନ ଆମ ପାଇଁ ବଡ଼ ଆହ୍ୱାନ ବୋଲି ଶ୍ରୀ ଯାଦବ କହିଛନ୍ତି ।

## ଗଡ଼କରୀ-ଜୈବ ଇନ୍ଧନ

ଦେଶରେ ୪୦୦ଟି ଇଥାନଲ୍ ଜୈବ ଇନ୍ଧନ ଷ୍ଟେସନ୍ ସ୍ଥାପନ କରାଯାଉଥିବା କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଭାରତୀୟ ଉଦ୍ୟୋଗ ସଂଘ ଦ୍ୱାରା ଆୟୋଜିତ ଜୈବ ଶକ୍ତି ଶିଖର ସମ୍ମିଳନୀ ୨୦୨୪ରେ ଯୋଗଦେଇ ସେ ଏହା କହିଛନ୍ତି । ଶ୍ରୀ ଗଡ଼କରୀ କହିଛନ୍ତି, ତିନୋଟି ଅଟୋ ମୋବାଇଲ୍ କମ୍ପାନୀ ଫ୍ଲେକ୍ସନ୍ ଇଞ୍ଜିନ୍ ଯୁକ୍ତ ବାହାନ ବଜାରକୁ ଛାଡ଼ିବେ । ସେ କହିଛନ୍ତି, ସି.ଏନ୍.ଜି., ଇଥାନଲ୍ ଏବଂ ମିଥେନ୍ ଭଳି ଜୈବ ଇନ୍ଧନ ପାଇବା ପାଇଁ ପୃଥକୀକରଣ କାର୍ଯ୍ୟର ଆବଶ୍ୟକତା ରହିଛି । ଆର୍ଥିକ

ଦୃଷ୍ଟିରୁ ଦେଶରେ ଜୈବ ଇନ୍ଧନ ବ୍ୟବହାର ଯୋଗ୍ୟ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

## ଜୟଶଙ୍କର-ଇମାଇଗ୍ରେଟ୍ ପୋର୍ଟାଲ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ଦିଲ୍ଲୀରେ ଇ-ମାଇଗ୍ରେଟ୍ ଟୁ ପଏଣ୍ଟ ଜିରୋ ପୋର୍ଟାଲ୍ ଓ ଏକ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରିଛନ୍ତି । ଇ-ମାଇଗ୍ରେଟ୍ ପୋର୍ଟାଲ୍‌ରେ ୨ଲକ୍ଷ ୮୧ ହଜାର ପଞ୍ଜିକୃତ ବିଦେଶୀ ନିୟୋଜକ ଅଛନ୍ତି । ଏହି ପୋର୍ଟାଲ୍ ପ୍ରବାସୀ ଭାରତୀୟମାନଙ୍କୁ ସୁରକ୍ଷିତ ଏବଂ ବୈଧ ନିଯୁକ୍ତି ନିମନ୍ତେ ସହାୟତା ପ୍ରଦାନ କରିବ ।

ଏହି ଅବସରରେ ଡକ୍ଟର ଜୟଶଙ୍କର କହିଛନ୍ତି, ଇ-ମାଇଗ୍ରେଟ୍ ଟୁ ପଏଣ୍ଟ ଜିରୋ ୱେବ୍ ପୋର୍ଟାଲ୍ ଭାରତୀୟମାନଙ୍କ ଲାଗି ସୁରକ୍ଷିତ, ପାରିଦର୍ଶୀ ଏବଂ ସମାବେଶୀ ଗତିଶୀଳତା ପ୍ରଦାନ କରେ । ସେ କହିଛନ୍ତି, ସାରା ବିଶ୍ୱରେ କୁଶଳୀ ଶ୍ରମିକମାନଙ୍କ ଆବଶ୍ୟକତା ଦିନକୁ ଦିନ ବୃଦ୍ଧି ପାଉଛି । ଆଗାମୀ ବର୍ଷ ଗୁଡ଼ିକରେ ଯେଉଁମାନେ ବିଦେଶରେ ଶିକ୍ଷାଗ୍ରହଣ କରିବେ ସେମାନେ ଏହାଦ୍ୱାରା ଅଧିକ ଲାଭାନ୍ୱିତ ହେବେ ବୋଲି ସେ କହିଛନ୍ତି । ଶ୍ରୀ ଜୟଶଙ୍କର କହିଛନ୍ତି, ଗତ କିଛି ବର୍ଷରେ ଜାରି କରାଯାଇଥିବା ପାସ୍‌ପୋର୍ଟ୍ ସଂଖ୍ୟା ଦୁଇ ଗୁଣ ବୃଦ୍ଧି ପାଇଛି । ମନ୍ତ୍ରଣାଳୟ

ଇ-ମାଇଗ୍ରେଟ୍ ପୋର୍ଟାଲ୍‌ର ଦକ୍ଷତା ବୃଦ୍ଧି ଲାଗି ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରିଛି ।

## ଭାରତ କାନାଡ଼ା

କାନାଡ଼ାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଏବଂ ଅନ୍ୟ କେତେଜଣ କର୍ମଚାରୀ ଏକ ମାମଲାରେ ତଦନ୍ତର ସମ୍ମୁଖୀନ ହୋଇଥିବା ଖବରକୁ ଭାରତ ସରକାର ଖଣ୍ଡନ କରିଛନ୍ତି । ଏ ସମ୍ପର୍କରେ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କାନାଡ଼ା ସରକାରଙ୍କ ଏଭଳି ଦାବିକୁ ଅସତ୍ୟ ବୋଲି କହିବା ସହ କାନାଡ଼ାର ଟ୍ରୁଡୋ ସରକାର ଭୋଟ୍ ବ୍ୟାଙ୍କ୍ ରାଜନୀତି ପାଇଁ ଏଭଳି କରୁଥିବା କୁହାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି, କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଗତବର୍ଷ ସେପ୍ଟେମ୍ବରରେ କେତେକ ପ୍ରସଙ୍ଗ ନେଇ ଭାରତକୁ ସମାଲୋଚନା କରିଥିଲେ । ତେବେ ଭାରତ ପକ୍ଷରୁ ସେହିସବୁ ପ୍ରସଙ୍ଗ ନେଇ ପ୍ରମାଣ ମଗାଯିବା ପରେ ଏ ପର୍ଯ୍ୟନ୍ତ କାନାଡ଼ା ସରକାର କୌଣସି ଜବାବ ଦେଇନାହାନ୍ତି । ପୁଣିଥରେ କାନାଡ଼ା ସରକାର ଭାରତ ଉଚ୍ଚାୟୁକ୍ତଙ୍କୁ ନେଇ ଯେଉଁ ଅଭିଯୋଗ କରିଛନ୍ତି ତାହାର କୌଣସି ପ୍ରମାଣ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

ମନ୍ତ୍ରଣାଳୟ ଆହୁରି ମଧ୍ୟ କହିଛି, ତଦନ୍ତ ଆଳରେ ତଥା ରାଜନୈତିକ ଲାଭ ଉଦ୍ଦେଶ୍ୟରେ କାନାଡ଼ା ସରକାର ଭାରତକୁ ବଦନାମ କରିବା ପାଇଁ ଯୋଜନା କରୁଛନ୍ତି । ଟ୍ରୁଡୋ ସରକାର ଭାରତୀୟ ଉଚ୍ଚାୟୁକ୍ତଙ୍କୁ ହଇରାଣହରକତ କରିବା, ଧମକାଇବା ଏବଂ ହିଂସାତ୍ମକ ଆଚରଣ କରୁଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

ସୂଚନା ଅନୁଯାୟୀ କାନାଡ଼ରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ସଂଜୟ କୁମାର ବର୍ମାଙ୍କର ୩୬ ବର୍ଷର କାର୍ଯ୍ୟଦକ୍ଷତା ରହିଛି ଏବଂ ସେ ଜଣେ ବରିଷ୍ଠ ଅଧିକାରୀ ଅଟନ୍ତି । କାନାଡ଼ା ସରକାରଙ୍କ ପକ୍ଷରୁ ତାଙ୍କୁ ନେଇ ଯେଉଁ ଅଭିଯୋଗ କରାଯାଇଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ବିଦେଶ ମନ୍ତ୍ରଣାଳୟ କହିଛି ।